## କରୋନା ମହାମାରୀ ମୁକାବିଲା ସମୟରେ ପ୍ରାଣୀସମ୍ପଦ ବିକାଶ ପାଇଁ
## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ଚାଷୀଙ୍କୁ ସହାୟତା

- କରୋନା ମହାମାରୀ ସମୟରେ ରାଜ୍ୟର ପ୍ରବାସୀ କର୍ମଜୀବି, ଚାଷୀ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ କର୍ମସଂସ୍ଥାନ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର "ଡିପ୍ ଲିଟର୍ ମାଧ୍ୟମରେ ୫୦୦ କ୍ଷମତା ବିଶିଷ୍ଟ ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା" ଯୋଜନା କାର୍ଯ୍ୟକାରୀ କରିଛନ୍ତି।
- ଏହି ଯୋଜନାର ମୋଟ ଖର୍ଚ୍ଚ ଅଟକଳ ୧୦ କୋଟି ୯୦ ଲକ୍ଷ ୪୨ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି ଓ ଏଥିରେ ୧୫୩୫ ହିତାଧିକାରୀ ସହାୟତା ପାଇବେ।
- କୁକୁଡ଼ା ଘର, କୁକୁଡ଼ା ଚିଆଁ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ମିଶାଇ ଏହି ଯୋଜନାରେ ୟୁନିଟ୍ ପିଛା ୧.୭୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି।
- ପ୍ରତ୍ୟେକ ହିତାଧିକାରୀ ୫୦୦ଗୋଟି ଦିନିକିଆ ବ୍ରଏଲର କୁକୁଡ଼ା ଚିଆଁ ପାଳନ କରିବା ପାଇଁ ସହାୟତା ପାଇବେ।
- ରାଜ୍ୟ ସରକାର ପ୍ରତ୍ୟେକ ହିତାଧିକାରୀଙ୍କୁ ୦.୭୧ ଲକ୍ଷ ଟଙ୍କା (ଖର୍ଚ୍ଚ ଅଟକଳର ୪୦ ପ୍ରତିଶତ) ରିହାତି ଆକାରରେ ପ୍ରଦାନ କରିବେ।
- କୁକୁଡ଼ା ଘର ତିଆରି ହେଲା ପରେ ରିହାତିର ୪୦ ପ୍ରତିଶତ ଓ ପ୍ରକଳ୍ପଟି ସଂପୂର୍ଣ୍ଣ ହେଲା ପରେ ରିହାତିର ଅବଶିଷ୍ଟ ୬୦ ପ୍ରତିଶତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା ହେବ।
- ବ୍ଲକ୍ସ୍ତରୀୟ ନୀରିକ୍ଷଣ କମିଟି, ମିଶନ ଶକ୍ତି ଓ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ହିତାଧିକାରୀ ଚୟନ କରାଯିବ।
- ସହାୟତା ପାଇବା ନିମନ୍ତେ ସ୍ଥାନୀୟ ପ୍ରାଣୀଧନ ନିରୀକ୍ଷକଙ୍କ ମାଧ୍ୟମରେ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଆବେଦନ ପତ୍ରରେ ଆବେଦନ କରିବାକୁ ହେବ।







**ଅଧିକ ଜାଣିବା ପାଇଁ ନିକଟସ୍ଥ ବ୍ଲକ ପ୍ରାଣୀଚିକିତ୍ସା ଅଧିକାରୀ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ**

**ସରକାରୀ ଯୋଜନାର ସାହାଯ୍ୟ ନିଅନ୍ତୁ, ଚିନ୍ତା ନକରି ଜୀବିକା ନିର୍ବାହ କରନ୍ତୁ...**

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର